ଓଡିଶା ସରକାର

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସମ୍ବଲପୁର

## ପ୍ରାରମ୍ଭିକ ବିଜ୍ଞପ୍ତି (PRELIMINARY NOTIFICATION)

ନମ୍ବର...୫୦୮...                                                  ତାରିଖ...୦୬/୧୦/୨୦୨୨...

ଯେହେତୁ, ଏହା ଓଡିଶା ସରକାରଙ୍କୁ ପ୍ରତୀୟମାନ ହୋଇଛି ଯେ, ସମୁଦାୟ ଏକର ୨.୭୯୫ ଡିସିମିଲ ଜମି ମୌଜା ସମ୍ବଲପୁର ଟାଉନ ୟୁନିଟ ନମ୍ବର-୧୦ ଦୁର୍ଗାପାଲି,ତହସିଲ ସମ୍ବଲପୁର ସଦର, ଜିଲ୍ଲା ସମ୍ବଲପୁର , ଯାହାର ବିସ୍ତୃତ ବିବରଣୀ, ନିମ୍ନରେ ପ୍ରଦାନ କରାଯାଇଛି, ତାହା ଝାରସୁଗୁଡା –ଟିଟିଲାଗଡ ବିଭାଗର ସମ୍ବଲପୁର-ହିରାକୁଦ ଷ୍ଟେସନ ମଧ୍ୟରେ ରେଳବାଇ KM -୫୬୬/୧-୨ ରେ ଲେଭେଲ କ୍ରସିଂ ପରିବର୍ତ୍ତେ KM-୫୬୬/୧ ରେ ରେଲୱେ ଓଭର ବ୍ରିଜ ନିର୍ମାଣ ନିମନ୍ତେ ଅଧିଗ୍ରହଣ କରାଯିବା ଆବଶ୍ୟକ। ଏହି ବିଜ୍ଞପ୍ତି , ସର୍ବସାଧାରଣଙ୍କ ସୂଚନା ନିମନ୍ତେ ଏତଦ ଦ୍ଵାରା ପ୍ରଦାନ କରାଯାଇଛି। ଯଦି କୌଣସି ବ୍ୟକ୍ତି କୌଣସି ଜମିରେ ଇଚ୍ଛୁକ ଥାଆନ୍ତି, ଯାହା ଏତତ ସହିତ ବିଜ୍ଞପ୍ତି କରାଯାଇଛି, ସେ ଏହି ବିଜ୍ଞପ୍ତିର ପ୍ରକାଶନ ତାରିଖରୁ ଷାଠିଏ ଦିନ ମଧ୍ୟରେ, ଅଧିଗ୍ରହଣ କରାଯିବାକୁ ଥିବା ପ୍ରସ୍ତାବିତ ଜମି ର ରକବା କିମ୍ବା ଅଞ୍ଚଳ ଏବଂ ଏହାର ଉପଯୁକ୍ତତା ଏବଂ ଯଥାର୍ଥତା ତଥା ସାମାଜିକ ପ୍ରଭାବ ଆକଳନର ରାଏ ସହିତ , ଲିଖିତ ଭାବେ କଲେକ୍ଟରଙ୍କୁ ଆପତ୍ତି କରିବେ।

୧- ସର୍ବସାଧାରଣ ଉଦ୍ଦେଶ୍ୟର ପ୍ରକୃତି : ଝାରସୁଗୁଡା –ଟିଟିଲାଗଡ ବିଭାଗର ସମ୍ବଲପୁର-ହିରାକୁଦ ଷ୍ଟେସନ ମଧ୍ୟରେ ରେଳବାଇ KM -୫୬୬/୧-୨ ରେ ଲେଭେଲ କ୍ରସିଂ ପରିବର୍ତ୍ତେ KM-୫୬୬/୧ ରେ ରେଲୱେ ଓଭର ବ୍ରିଜ ନିର୍ମାଣ ନିମନ୍ତେ ।

୨- ଆବଶ୍ୟକାରୀ ସଂସ୍ଥାର ନାମ : ଅଧୀକ୍ଷଣ ଯନ୍ତ୍ରୀ , ପୂର୍ତ୍ତ ବିଭାଜନ -୧, ସମ୍ବଲପୁର

୩- ପ୍ରଭାବିତ ବ୍ୟକ୍ତିମାନଙ୍କର ବିସ୍ଥାପନ ଦାବୀ କରୁଥିବା କାରଣ :କୌଣସି ପରିବାର ବିସ୍ଥାପିତ ହେଉ ନାହାନ୍ତି ।

୪- ସାମାଜିକ ପ୍ରଭାବ ଆକଳନ ବିବରଣୀର ସାରାଂଶ :ଏଥି ସହିତ ସଂଲଗ୍ନ କରାଗଲା ।

୫- ଥଇଥାନ ଏବଂ ପୁନଃବସତି ଉଦ୍ଦେଶ୍ୟ ନିମନ୍ତେ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ : ଉପ-ଜିଲ୍ଲାପାଳ , ସମ୍ବଲପୁର

Scanned by CamScanner

୬- ଜମିର ବିସ୍ତାରୀତ ବିବାରଣୀ :

| କ୍ରମିକ ନମ୍ବର | ପ୍ରଜା ର ନାମ | ଖତିଆନ ନମ୍ବର | ପ୍ଲଟ ନମ୍ବର | ଜମି ର କିସମ | ମୋଟ ରକବା | ପ୍ରସ୍ତାବିତ ଭୂ-ଅର୍ଜନ ରକବା |
|---|---|---|---|---|---|---|
| ୧ | ଅନାମ ଖଡ଼ିଆ, ଫାଉବି ଖଡ଼ିଆ<br>ପି: ଭରତ ଖଡ଼ିଆ,<br>ସକୁନ୍ତଳା ଖଡ଼ିଆ ସ୍ଵା: ଭରତ ଖଡ଼ିଆ, ଦୁଖି<br>ଖଡ଼ିଆ, ମହେଶ ଖଡ଼ିଆ, ମହାଦେବ ଖଡ଼ିଆ<br>ପି: ଚାମା ଖଡ଼ିଆ, ବାନି ଖଡ଼ିଆ ସ୍ଵା: ଚାମା<br>ଖଡ଼ିଆ, ରୁଇଠା ଖଡ଼ିଆ ପି: ବୁଟିଆ ଖଡ଼ିଆ,<br>ରଇବାରି ଖଡ଼ିଆ, ସାରଦେ ଖଡ଼ିଆ<br>ପି: କୁନ୍ଦା ଖଡ଼ିଆ, ମହ୍ଲା ଖଡ଼ିଆ, ଫୁସା ଖଡ଼ିଆ<br>ପି: ସମା ଖଡ଼ିଆ ଜା: ଖଡିଆ ବା: ନିଜଗାଁ | ୫ | ୨୭୭ | ବାରି ସାଧାରଣ | ୦.୧୨ | ୦.୦୯ |
| | | | ୨୭୯ | ବାରି ସାଧାରଣ | ୦.୦୬ | ୦.୦୬ |
| | | | ୨୮୦ | ଖଳା | ୦.୦୬ | ୦.୦୫ |
| | | | ୨୭୫ | ବାରି ସାଧାରଣ | ୦.୧୭ | ୦.୧୨ |
| | | | ୨୭୪ | ଆଟ ସାଧାରଣ | ୦.୦୬ | ୦.୦୬ |
| | | | ୨୮୨ | ମାଳ ସାଧାରଣ | ୦.୦୪ | ୦.୦୪ |
| | | | ୨୮୪ | ମାଳ ସାଧାରଣ | ୦.୧୪ | ୦.୧୪ |
| | | | ୨୩୯ | ବାହାଲ ପାଣି-୨ | ୨.୧୩ | ୦'.୨୨ |
| | | | ୨୫୩ | ମାଳ ସାଧାରଣ | ୦.୧୧ | ୦.୦୦୨ |
| ୨ | ଅନାମ ଖଡିଆ, ଫାଉବି ଖଡିଆ<br>ପି: ଭରତ ଖଡିଆ, ସକୁନ୍ତଳା ଖଡିଆ<br>ସ୍ଵା: ଭରତ ଖଡିଆ, ଦୁଖି ଖଡିଆ, ମହେସ ଖଡିଆ,<br>ମହାଦେବ ଖଡିଆ ପି: ଚାମା ଖଡିଆ, ବାନି ଖଡିଆ<br>ସ୍ଵା: ଚାମା ଖଡିଆ, ରୁଇଠା ଖଡିଆ ପି: ବୁଟିଆ<br>ଖଡିଆ, ରଇବାରି ଖଡିଆ, ସାରଦେ ଖଡିଆ<br>ପି: କୁନ୍ଦା ଖଡିଆ, ମହ୍ଲା ଖଡିଆ, ଫୁସା ଖଡିଆ<br>ପି: ସମା ଖଡିଆ<br>ଜା: ଖଡିଆ ବା: ନିଜଗାଁ | ୬ | ୨୭୮ | ଘରବାରି-୦୩ | ୦.୦୩ | ୦.୦୩ |
| ୩ | ରାଧାରାଣୀ ସାହୁ<br>ସ୍ଵା: ଗୋପାଳ ଜି ସାହୁ,<br>ଜ୍ଞାନେନ୍ଦ୍ର ନାରାୟଣ ସାହୁ<br>ପି: ଗୋପାଳ ଜି ସାହୁ, ଚନ୍ଦ୍ରପ୍ରଭା ଦାସ<br>ପି: ଗୋପାଳଜି ଦାସ, ବିଦ୍ୟୁତପ୍ରଭା ସାହୁ,<br>ଜ୍ୟୋତିପ୍ରଭା ସାହୁ ପି: ଗୋପାଳ ଜି ସାହୁ<br>ଜା: କଂସାରି ବା: କଂସାରି ପଡା , ସମ୍ବଲପୁର | ୩୭ | ୩୬୩ | ଆଟ ସାଧାରଣ | ୦.୧୨ | ୦.୧୦୦ |
| | | | ୩୬୨ | ଧରସା | ୦.୦୮ | ୦.୦୩ |
| | | | ୩୬୧ | ଆଟ ସାଧାରଣ | ୦.୦୮ | ୦.୦୨ |
| | | | ୩୭୬ | ଆଟ ସାଧାରଣ | ୦.୪୫ | ୦.୧୪ |
| | | | ୨୬୫ | ମାଳ ସାଧାରଣ | ୦.୪୯୫ | ୦.୨୨ |
| | | | ୨୬୬ | ଆଟ ସାଧାରଣ | ୦.୫୧୫ | ୦.୪୨ |
| ୪ | ଗୋପାଳ ନାଏକ, ନେପାଳ ନାଏକ<br>ପି: ଶ୍ରୀମୁଖ ନାଏକ, ଛାୟୀ ନାଏକ<br>ସ୍ଵା: ଶ୍ରୀମୁଖ ନାଏକ<br>ଜା: କେଉଁଟ ବା: ନିଜଗାଁ (ପ) କେଉଟ ପଡା | ୩୯ | ୩୬୫ | ମାଳ ସାଧାରଣ | ୦.୦୫ | ୦.୦୩ |

Scanned by CamScanner

| | | | | | | |
|---|---|---|---|---|---|---|
| ୫ | ମନଧର ଖଡ଼ିଆ ପି: ବନ୍ଧନା ଖଡ଼ିଆ ଜା: ଖଡିଆ ବା: ନିଜଗାଁ (VN◌ା) ବଘରାମାଳ, ରୁଇଁଠା ଖଡ଼ିଆ, ଦିନା ଖଡ଼ିଆ ପି: ମନଧର ଖଡ଼ିଆ, ପଣ୍ଡୁ ଖଡ଼ିଆ, କନିବେତା ଖଡ଼ିଆ ପି: ଧନିଆ ଖଡ଼ିଆ, ବୁଦୁନି ଖଡ଼ିଆ ସ୍ୱା: ହୁଣ୍ଡାର ଖଡ଼ିଆ, କେରି ଖଡ଼ିଆ ପି: ଦାନୁ ଖଡ଼ିଆ, ଲୁନ୍ଦୀ ଖଡ଼ିଆ ପି: ହୁଣ୍ଡାର ଖଡ଼ିଆ ଜା: ଖଡିଆ ବା: ନିଜଗାଁ (ପଡ଼ା) ବଘରାମାଳ | ୧୦୧ | ୨୮୫ | ଧରସା | ୦.୧୯ | ୦.୧୯ |
| | | | ୨୮୬ | ବାହାଲ ପାଣି - ୨ | ୦.୨୦୨ | ୦.୧୩୬ |
| | | | ୨୮୮ | ଆଟ ସାଧାରଣ | ୦.୦୦୯ | ୦.୦୦୯ |
| | | | ୪୧୧/୧୫୫୬ | ମାଳ ସାଧାରଣ | ୦.୧୬ | ୦.୧୬ |
| ୬ | ସଞ୍ଜୟ କୁମାର ପଣ୍ଡା ପି:ସତ୍ୟବାଦୀ ପଣ୍ଡା ଜା: ବ୍ରାହ୍ମଣ ବା: ସାକ୍ଷିପଡ଼ା ଥା ଧନୁପାଲି । | ୧୬୬/୪୨୮ | ୨୮୭ | ମାଳ ସାଧାରଣ | ୦.୦୪୨ | ୦.୦୪୨ |
| | | | ୨୮୬/୨୧୮୦ | ବାହାଲ ପାଣି - ୨ | ୦.୦୧୫ | ୦.୦୧୫ |
| ୭ | ନିଳାମ୍ବର ମେହେର ପି:ତିର୍ଥ ମେହେର ଜା: ଭୂଲିଆ ବା: ନିଜଗାଁ ଲକ୍ଷ୍ମୀଡୁଙ୍ଗୁରୀ | ୧୬୬/୯୦ | ୨୮୭/୧୭୭୭ | ଘରବାରି-୧ | ୦.୦୦୫ | ୦.୦୦୫ |
| | | | ୨୮୮/୧୭୭୮ | ଘରବାରି-୧ | ୦.୦୪ | ୦.୦୪ |
| ୮ | ପଞ୍ଜାବି ହିନ୍ଦୁ ବିରାଦ୍ରି କମ୍ପ୍ଲେକ୍ସ ପୋ: ମୋଦିପଡା ଥା ଟାଉନ ଓଡିଶା ତରଫରୁ ମ୍ୟାନେଜିଂ ଟ୍ରଷ୍ଟର ଓ ପ୍ରେସିଡେଣ୍ଟ | ୧୬୬/୨୩୮ | ୨୬୫/୧୯୫୬ | ମାଳ ସାଧାରଣ | ୦.୨୪୨ | ୦.୧୦୦ |
| ୯ | ମୋବିନ ଖାନ ପି:ମହମ୍ମଦ ୟାସିମ ଜା: ମୁସଲମାନ ବା: ବଡବଜାର ଜି ସମ୍ବଲପୁର | ୧୬୬/୨୪୪ | ୨୮୬/୧୯୬୨ | ଘରବାରି-୧ | ୦.୦୮୪ | ୦.୦୮୪ |
| ୧୦ | ନରସି ଆର ପଟେଲ ପି:ରତନସି ଏନ ପଟେଲ ଜା: ଗୁଜୁରାଟି ବା: ଫାର୍ମ ରୋଡ଼ ସମ୍ବଲପୁର । | ୧୬୬/୨୬୯ | ୨୮୬/୧୯୮୭ | ଘରବାରି-୧ | ୦.୦୮୯ | ୦.୦୮୯ |
| | | | ୨୮୭/୧୯୮୮ | ଘରବାରି-୧ | ୦.୧୨୩ | ୦ ୦୨୫ |
| ୧୧ | ଭକିଆ ଖଡିଆ ସ୍ୱା:ଦୁର୍ଗା ଚରଣ ଖଡିଆ ଜା: ଖଡିଆ ବା: ନିଜଗାଁ | ୧୬୬/୯୧ | ୨୮୮/୧୭୮୧ | ଘରବାରି-୧ | ୦.୦୨ | ୦.୦୨ |
| | | | ୨୮୯/୧୭୮୨ | ଘରବାରି-୧ | ୦.୦୮ | ୦.୦୧ |
| ୧୨ | ସନ୍ଦିପ ଅଗ୍ରବାଲ ପି:ମଙ୍ଗଟୁରାମ ଅଗ୍ରବାଲ ଜା: ବଣିଆ ବା: ହାଉସ ନଂ F 6 ପୋଦ୍ଦାର କଲୋନି କ୍ଷେତରାଜପୁର ଜି ସମ୍ବଲପୁର । ମୂଳ ଠିକଣା ହରିୟାନା । | ୧୬୬/୪୮୬ | ୨୫୩/୨୨୫୩ | ଘରବାରି | ୦.୧୭୬ | ୦ ୦୭ |
| ୧୩ | ନନ୍ଦ କିଶୋର ଅଗ୍ରବାଲ ପି:ରାମରତନ ଅଗ୍ରବାଲ ଜା: ବଣିଆ ବା: ମୋଦିପଡା ସମ୍ବଲପୁର | ୧୬୬/୪୯୪ | ୨୫୩/୨୨୬୩ | ମାଳ ସାଧାରଣ | ୦.୦୨୮ | ୦.୦୨୮ |
| | ମୋଟ | | | | ୬.୨୯୬ | ୨.୭୯୫ |

ଜିଲ୍ଲା କଲେକ୍ଟରଙ୍କ ପୂର୍ବ ଅନୁମୋଦନ ବିନା , ଏହି ବିଜ୍ଞପ୍ତିର ପ୍ରକାଶନ ତାରିଖରୁ ଏପରି ଜମି ଉପରେ କୌଣସି ବ୍ୟକ୍ତି କୌଣସି କାରବାର କରିପାରିବେ ନାହିଁ କିମ୍ବା କରାଇ ପାରିବେ ନାହିଁ, ଯେପରି ପ୍ରାରମ୍ଭିକ ବିଜ୍ଞପ୍ତିରେ ଧାର୍ଯ୍ୟ କରାଯାଇଛି କିମ୍ବା ଏପରି ଜମି ଉପରେ କୌଣସି ଲାଭ ସୃଷ୍ଟି କରିବେ ନାହିଁ ।

Scanned by CamScanner

ଏହି ବିଜ୍ଞପ୍ତିର ପ୍ରକାଶନ ତାରିଖରୁ ଷାଠିଏ ଦିନ ମଧ୍ୟରେ କୌଣସି ଇଚ୍ଛୁକ ବ୍ୟକ୍ତିଙ୍କ ଦ୍ୱାରା ଏପରି ଅଧିଗ୍ରହଣ ପ୍ରତି କୌଣସି ଅପତ୍ତି ଦାଖଲ କରାଯାଇପାରେ, ଯେପରି ଭୂମି ଅଧିଗ୍ରହଣ, ଥଇଥାନ ଏବଂ ପୁନଃବସତିରେ ଉପଯୁକ୍ତ କ୍ଷତିପୂରଣ ଏବଂ ସ୍ୱଚ୍ଛତା ପ୍ରତି ଅଧିକାର ଆଇନ ୨୦୧୩ ର ଦଫା ୧୫ ଅନୁଯାୟୀ ବ୍ୟବସ୍ଥାୟିତ, ଏବଂ ତାହା ଜିଲ୍ଲା କଲେକ୍ଟରଙ୍କ ସମ୍ମୁଖରେ ହେବେ ।

ରାଜ୍ୟପାଳଙ୍କ ଆଦେଶ ଦ୍ୱାରା

ଉମାକାନ୍ତ ରାଜ
୦୬.୧୦.୨୦୨୨

ଜିଲ୍ଲାପାଳ, ସମ୍ବଲପୁର

Memo No:-810/ Date 06.10.2022

Copy along with the land schedule forwarded to the Director, Printing Stationary & Publication, Odisha, Cuttack with a request to publish the Notification along with the land schedule in the next issue of EOG & supply three copies of them to R&DM Department/ Collector, Sambalpur/ Secretary to RDC, ND, Sambalpur.

6.10.22

Collector, Sambalpur

Memo No:-811/ Date 06.10.2022

Copy along with the land schedule forwarded to the D.I.& P.R. Officer Sambalpur with a request to take necessary steps for publication of the notification along with the land schedule in two local daily newspaper of which at least one shall be in the regional language. Two copy of the said publication may please be furnished to this Collectorate immediately.

6.10.22

Collector, Sambalpur

Memo No:-812/ Date 06.10.2022

Copy forwarded to the Land Acquisition Officer, Sambalpur for information and necessary action.

Scanned by CamScanner

1. He should not take possession of the land under any circumstances before making payment of compensation to the land loosers.
2. The substance of Notification may be published in the locality immediately. Copies of such publication and date of such publication may be informed forthwith for further course of action.
3. Publication in EOG / News paper may be watched and reported to this Collectorate with details of such publication.

Sd/- 6.10.22
Collector, Sambalpur

Memo No:-......813......../ Date..06.10.2022

Copy forwarded to the Secretary to RDC, ND, Sambalpur/ The Joint Secretary to Govt., R&DM Department, Odisha, Bhubaneswar/ The Secretary to Govt., Works Department, Odisha, Bhubaneswar for information and necessary action.

Sd/- 6.10.22
Collector, Sambalpur

Memo No:-......814......../ Date...06.10.2022

Copy forwarded to the Superintending Engineer, R&B-I, Sambalpur/ Guard file for information and necessary action.

Sd/- 6.10.22
Collector, Sambalpur

Scanned by CamScanner

# ଅଧ୍ୟୟନର ସାରାଂଶ

**ପ୍ରକଳ୍ପର ନାମ:**

*ଝାରସୁଗୁଡା-ଟିଟିଲାଗଡ ରେଳ ବିଭାଗ ଅର୍ନ୍ତଗତ ସମ୍ବଲପୁର-ହୀରାକୁଦ ଷ୍ଟେସନ ମଧ୍ୟରେ ଲେବଲ୍ କ୍ରସିଂ ନଂ-ଜେ.ଟି ୨୬ ଠାରେ ରେଳ ଓଭର ବ୍ରିଜ୍ ନିର୍ମାଣ ପ୍ରକଳ୍ପ ନିମନ୍ତେ ସମ୍ବଲପୁର ଜିଲ୍ଲାର ସମ୍ବଲପୁର ସହର ଅର୍ନ୍ତଗତ ୟୁନିଟ୍-୧୦, ଦୁର୍ଗାପାଲି ମୌଜାରେ ବେସରକାରୀ ଜମି ଅଧିଗ୍ରହଣ ନିମନ୍ତେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ।*

**ପ୍ରକଳ୍ପର ସାର୍ବଜନୀକ ଉଦ୍ଦେଶ୍ୟ:** ସମ୍ବଲପୁର- ହୀରାକୁଦ ଷ୍ଟେସନ ମଧ୍ୟରେ ଦୁର୍ଗାପାଲି ଠାରେ ରେଳ ଓଭର ବ୍ରିଜ୍ ନିର୍ମାଣ ଦ୍ୱାରା ଲେବଲ୍ କ୍ରସିଂ ନଂ ଜେ.ଟି-୨୬ ଠାରେ ହେଉଥିବା ଟ୍ରାଫିକ୍ ସମସ୍ୟାକୁ ଦୂର ହେବା ସହିତ ସ୍ଥାନୀୟ ଲୋକ ମାନଙ୍କର ନିରାପଦ **ଯାତାୟାତ ପାଇଁ ଉଦ୍ଦିଷ୍ଟ ହେବ । ଅନ୍ୟ** ପକ୍ଷରେ ଏହା ଦୁର୍ଘଟଣା ହ୍ରାସ କରିବା ସହିତ ଲୋକମାନଙ୍କର ଯାତାୟାତ ସମୟକୁ ମଧ୍ୟ କମ୍ କରିବ । ଏଥିରୁ ସ୍ପଷ୍ଟ ହୁଏ ଯେ ପ୍ରସ୍ତାବିତ ପ୍ରକଳ୍ପଟି ନିଃସନ୍ଦେହରେ **ଲୋକମାନଙ୍କର ହିତ ପାଇଁ ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ପରିକଳ୍ପିତ ।**

**ପ୍ରକଳ୍ପ ଅଂଚଳ / ଅବସ୍ଥିତି:** ପ୍ରସ୍ତାବିତ ରେଳ ଓଭର ବ୍ରିଜ୍ ପ୍ରକଳ୍ପ ସମ୍ବଲପୁର ସହରର ଝାରସୁଗୁଡା-ଟିଟିଲାଗଡ଼ ରେଳ ବିଭାଗର ଅର୍ନ୍ତଗତ ସମ୍ବଲପୁର-ହିରାକୁଦ ଷ୍ଟେସନ ମଧରେ ଦୁର୍ଗାପାଲି ଅଂଚଳରେ ଥିବା ଲେବଲ କ୍ରସିଂ ନମ୍ବର JT-୨୬ ବଦଳରେ ନିର୍ମାଣ ହେବ । ଏହି ପ୍ରକଳ୍ପ ପାଇଁ ଓଡ଼ିଶାର ସମ୍ବଲପୁର ଜିଲ୍ଲାର ସମ୍ବଲପୁର ତହସିଲ ଅଧୀନରେ ଥିବା ୟୁନିଟ୍ -୧୦ ଦୁର୍ଗାପାଲି ଅଂଚଳରୁ ଜମି ଅଧିଗ୍ରହଣ କରାଯିବ ।

**ବିକଳ୍ପ ପରୀକ୍ଷଣ :** ବର୍ତ୍ତମାନ ଅବସ୍ଥିତିକୁ ବିଚାର କଲେ, ରେଳ ଓଭର ବ୍ରିଜ୍ ନିର୍ମାଣ ପ୍ରକଳ୍ପ ଅଂଚଳର ଡିଜାଇନ୍ ଏବଂ ଚୟନ ସମ୍ବନ୍ଧରେ ଅନ୍ୟ କୌଣସି ବିକଳ୍ପ ଅନୁସନ୍ଧାନ କରିବାର ଆବଶ୍ୟକତା ନାହିଁ ।

**ସାମାଜିକପ୍ରଭାବ ଆକଳନ ଅଧ୍ୟୟନ ଏବଂ ସେଥିରୁ ଉପଲବ୍ଧ ତଥ୍ୟ:**

ଦୁର୍ଗାପାଲି ରେଳ ଓଭର ବ୍ରିଜ୍ ନିର୍ମାଣ ପ୍ରକଳ୍ପ ନିମନ୍ତେ କରାଯାଇଥିବା ଏହି ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନଟି "ଓଡ଼ିଶା ନ୍ୟାୟୋଚିତ କ୍ଷତିପୂରଣ ଅଧିକାର, ଭୂ-ଅର୍ଜନ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ନିୟମାବଳୀ ୨୦୧୬"କୁ ଦୃଷ୍ଟିରେ ରଖି "ନ୍ୟାୟୋଚିତ କ୍ଷତିପୂରଣ ଅଧିକାର, ଭୂ-ଅର୍ଜନ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩"ର ମାର୍ଗଦର୍ଶିକା (ଧାରା-୪.୧) ଆଧାରରେ କରାଯାଇଛି । ଏହି ଅଧ୍ୟୟନଟିରେ ଘରକୁ ଘର ଯାଇ ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ପ୍ରତିଟି ପରିବାରଙ୍କୁ ଏବଂ ନମୁନା ସର୍ବେକ୍ଷଣ ମାଧ୍ୟମରେ କିଛି ପରୋକ୍ଷ ଭାବରେ ପ୍ରଭାବିତ ପରିବାରଙ୍କୁ ଯୋଗାଯୋଗ କରି ତଥ୍ୟ ସଂଗ୍ରହ କରାଯାଇଥିଲା । ଏହି ଅଧ୍ୟୟନ ପ୍ରକ୍ରିୟାରେ ୨୩ ଟି ପ୍ରତ୍ୟକ୍ଷ ପ୍ରଭାବିତ ପରିବାର ଓ ୧୦ ଟି ପରୋକ୍ଷ ପ୍ରଭାବିତ ପରିବାରଙ୍କୁ ସର୍ବେକ୍ଷଣ କରାଯାଇଥିଲା ।

ସାମାଜିକ ଓ ଅର୍ଥନୈତିକ ସ୍ଥିତି

ତଥ୍ୟରୁ ଜଣାଯାଇଛି ଯେ, ୨୩ଟି ପରିବାରରେ ମୋଟ ୯୯ ଜଣ ଲୋକ ବସବାସ କରନ୍ତି, ସେମାନଙ୍କ ମଧ୍ୟରୁ ୪୯(୪୯.୪୯%) ଜଣ ପୁରୁଷ ଏବଂ ୫୦ (୫୦.୫୧%) ଜଣ ମହିଳା । ସମୁଦାୟ ଜନସଂଖ୍ୟା ମଧ୍ୟରୁ ଅଧାରୁ ଅଧିକ (୫୧.୫%) ହେଉଛନ୍ତି ରୋଜଗାରକ୍ଷମ ବ୍ୟକ୍ତି (୧୮-୪୫ ବର୍ଷ) ଓ ୧୦% ହେଉଛନ୍ତି ୪୫-୬୦ ବର୍ଷ ବୟସର ବ୍ୟକ୍ତି ଯେଉଁମାନେ କି ଅର୍ଥନୈତିକ ଦୃଷ୍ଟିରୁ ସକ୍ରିୟ ଗୋଷ୍ଠୀ ଭାବରେ ମଧ ବିବେଚିତ ହୁଅନ୍ତି । ସର୍ବେକ୍ଷଣ କରାଯାଇଥିବା ୨୩ଟି ପରିବାରରେ ୪ ଟି ବର୍ଗର ଲୋକ ବସବାସ କରନ୍ତି, ଯେଉଁଥିରେ କି ସର୍ବାଧିକ ଦୁଇ-



Scanned by CamScanner

ତୃତୀୟାଂଶ (୧୮ ପରିବାର) ଆଦିବାସି ବର୍ଗର ପରିବାର ଅଟନ୍ତି । ଏହି ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା କେବଳ ଗୋଟିଏ ମୁସଲିମ ପରିବାର ବ୍ୟତିତ ସମସ୍ତ ପରିବାର ହିନ୍ଦୁ ଧର୍ମର ଅଟନ୍ତି ।

ଅଧ୍ୟୟନରୁ ନିଷ୍କର୍ଷ ଯେ, ପ୍ରଭାବିତ ଗ୍ରାମରେ ୧୮ (୩୧.୮୪%)ଟି ଅସହାୟ ପରିବାର ଅଛନ୍ତି । ଏଥିରେ ଏକାଧିକ ପ୍ରକାର ଅସହାୟତା ଥିବା ଅର୍ଥାତ ଅନୁସୁଚିତ ଜାତି/ଅନୁସୁଚିତ ଜନଜାତି ପରିବାର, ମହିଳାମୁଖ୍ୟ ପରିବାର, ଭିନ୍ନକ୍ଷମ ବ୍ୟକ୍ତି ଥିବା ପରିବାର ମଧ୍ୟ ସାମିଲ ଅଛନ୍ତି । ସମୁଦାୟ ଲୋକସଂଖ୍ୟା ମଧ୍ୟରୁ, ୮୮.୯% (୮୮ ଜଣ) ସାକ୍ଷର ଓ ସେମାନଙ୍କ ମଧ୍ୟରୁ ମାତ୍ର ୨୭% ରୁ ଅଧିକ ଲୋକଙ୍କର ମାଟ୍ରିକ ସ୍ତରରୁ ଅଧିକ ଶିକ୍ଷା ଗ୍ରହଣ କରିଛନ୍ତି ।

ତଥ୍ୟରୁ ଅବଗତ ହେଲା ଯେ, ସମୁଦାୟ ୯୯ ଜଣ ଲୋକଙ୍କ ମଧ୍ୟରୁ ୪୦ (୪୦.୪%) ଜଣ ବିଭିନ୍ନ ରୋଜଗାରକ୍ଷମ କାର୍ଯ୍ୟକ୍ରମ ରେ ନିୟୋଜିତ ଅଛନ୍ତି ଓ ସେମାନଙ୍କ ମଧ୍ୟରୁ ସର୍ବାଧିକ ୪୭.୫% ବିଭିନ୍ନ କ୍ଷେତ୍ରରେ ଦିନ ମଜୁରିଆ କାର୍ଯ୍ୟ କରନ୍ତି ଓ ୧୭.୫ % ବ୍ୟକ୍ତି ସେମାନଙ୍କ ଅଂଚଳରେ ବିଭିନ୍ନ ପ୍ରକାର ବ୍ୟବସାୟ କରୁଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଅଛନ୍ତି ବେତନପ୍ରାପ୍ତ କର୍ମଚାରୀ, ପେନ୍‌ସନ, କୃଷକ ଏବଂ ବ୍ୟବସାୟ ଛଡା ଅନ୍ୟାନ୍ୟ କାର୍ଯ୍ୟରେ ଆତ୍ମ ନିଯୁକ୍ତି ।

୨୩ଟି ପ୍ରଭାବିତ ପରିବାର ମଧ୍ୟରୁ ସର୍ବାଧିକ ୧୦ଟି (୪୩.୪୮%) ପରିବାରର ବାର୍ଷିକ ଆୟ ୧,୫୦,୦୦୦/- ଟଙ୍କା ରୁ ୨,୦୦,୦୦୦/- ଟଙ୍କା ମଧ୍ୟରେ ଏବଂ ପରବର୍ତ୍ତି ସର୍ବାଧିକ ୫ ଟି (୨୧.୭୪%) ପରିବାରର ବାର୍ଷିକ ଆୟ ୪,୦୦,୦୦୦/- ଟଙ୍କାରୁ ଅଧିକ ।
ପ୍ରଭାବିତ ହେଉଥିବା (୨୩) ପରିବାର ମଧ୍ୟରୁ; ୭ ଟି ପରିବାର (୩୦.୪୩% )ର କଂକ୍ରିଟ/ପକ୍କା ଘର ଅଛି, ୧୨ଟି (୫୨.୧୭%) ପରିବାରର ଆଜ୍‌ବେଷ୍ଟସ ଘର ଏବଂ ୪ଟି (୧୭.୩୯%) ପରିବାରର ଟାଇଲ ଘର ରହିଛି ।

### ଜମି ର ଆକଳନ

ରେଳ ଓଭର ବ୍ରିଜ୍ ପ୍ରକଳ୍ପ ନିମନ୍ତେ ସମ୍ବଲପୁର ସହରର ୟୁନିଟ୍-୧୦ ଦୁର୍ଗାପାଲି ଅଂଚଳରେ ୨.୭୯୫ ଏକର ବେସରକାରୀ ଜମି ଅଧିଗ୍ରହଣ କରାଯିବ । ପ୍ରାଥମିକ ତଥ୍ୟ ଅନୁଯାୟୀ ମୋଟ୍ ୩୩.୦୩୦ ଏକର ଜମି ପ୍ରଭାବିତ ୨୩ ଟି ପରିବାରଙ୍କ ଅଧିନରେ ଉପଲବ୍ଧ । ସମୁଦାୟ ଜମି ମଧ୍ୟରୁ ୧୭.୦୦୦ ଏକର (୫୧.୪୭%) ଜମି କୃଷି ପାଇଁ, ୪.୦୮୦ ଏକର (୧୨.୩୫%) ଜମି ବସବାସ ପାଇଁ ଏବଂ ୦.୦୩୦ ଏକର (୦.୦୯%) ବ୍ୟବସାୟ ପାଇଁ ବ୍ୟବହାର ହେଉଅଛି । ଏହା ବ୍ୟତିତ ଜମିର ବୃହତାଂଶ ୮.୪୨୦ ଏକର (୨୫.୪୯%) ଜମି ଅବ୍ୟବହୃତ ବା ପରିତ୍ୟକ୍ତ ହୋଇ ପଡ଼ିରହିଛି ଏବଂ ୩.୫୦୦ ଏକର (୧୦.୬%) ଜମି ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର ହେଉଅଛି ।

### ପ୍ରକଳ୍ପ ଜମି

ଏହି ପ୍ରକଳ୍ପ ପାଇଁ ସମୁଦାୟ ୬.୨୯୬ ଏକର ବେସରକାରୀ ଜମି ରେଳ ଓଭର ବ୍ରିଜ୍ ପ୍ରକଳ୍ପ ପାଇଁ ପ୍ରଭାବିତ ହେବ । ତନ୍ମଧ୍ୟରୁ ୨.୭୯୫ ଏକର ଜମି ଏହି ପ୍ରକଳ୍ପ ପାଇଁ ଅଧିକୃତ ହେବ ଯାହାକି ବାରି, ଖଳା, ଆଟ, ମାଳ, ବାହାଲପାଣି-୨, ଘରବାରି-୧ ଓ ୩ ଏବଂ ଧରସା କିସମ ଅର୍ନ୍ତଭୁକ୍ତ ।

### ପ୍ରଭାବିତ ଏବଂ ଅଧିଗ୍ରହଣ ହୋଇଥିବା ଜମି:

ସମ୍ବଲପୁର ସହର ଦୁର୍ଗାପାଲି ଠାରେ ରେଳ ଓଭର ବ୍ରିଜ ନିର୍ମାଣ ପ୍ରକଳ୍ପ ନିମନ୍ତେ ୩୩ଟି ପ୍ଲଟର ସମୁଦାୟ ୬.୨୯୬ ଏକର ଜମି ପ୍ରଭାବିତ ହେବ ଓ ସେଥିମଧ୍ୟରୁ ୨.୭୯୫ ଏକର ଜମି ଅଧିଗ୍ରହଣ କରାଯିବ ଯାହା ସମୁଦାୟ ପ୍ରଭାବିତ ଜମିର ୪୪.୩୯% ।



Scanned by CamScanner

ଅନୁଧ୍ୟାନରୁ ଜଣାଯାଇଛି ଯେ ଏହି ଅଧିଗ୍ରହଣ ପ୍ରକ୍ରିୟାରେ **କେବଳ ପ୍ରଭାବିତ ଜମିରେ ଥିବା** ଦୁଇଟି ପାଚେରି ବ୍ୟତିତ କୌଣସି ପରିବାର ବାସଚ୍ୟୁତ ହେଉନାହାନ୍ତି ।

**ପ୍ରକଳ୍ପର ପ୍ରଭାବ**

ପ୍ରାଥମିକ ତଥ୍ୟ ଅନୁସାରେ ପ୍ରଭାବିତ ପରିବାରରେ **ମୋଟ୍ ୩୩.୦୩୦ ଏକର ଘରୋଇ ଜମି ଅଛି,** ଯେଉଁଥିରୁ କେବଳ ୬.୨୯୬ ଏକର ଜମି ପ୍ରଭାବିତ ହେବ**; ଯାହା ସମୁଦାୟ ଜମିର ମାତ୍ର ୮.୪୬% ଅଟେ** । ଯେହେତୁ ପ୍ରଭାବିତ ପରିବାରମାନଙ୍କର ଆୟ ବିଶେଷତଃ **ଅଣ-କୃଷି କାର୍ଯ୍ୟ ଉପରେ** ନିର୍ଭର କରେ, **ଅଳ୍ପ ଅଂଶର** ଏହି ଜମି ଅଧିଗ୍ରହଣ କରାଗଲେ ସେମାନଙ୍କର **ଜୀବନଜୀବିକାକୁ ପ୍ରଭାବିତ** କରିବ ନାହିଁ । ଯଦିବା ସେମାନେ ପ୍ରକଳ୍ପ ପାଇଁ ଜମି ଦେବାକୁ ରାଜି ଅଛନ୍ତି, ପ୍ରତିବଦଳରେ **ଜମିର କ୍ଷତିପାଇଁ ଉପଯୁକ୍ତ** କ୍ଷତିପୂରଣ ଆଶାକରୁଛନ୍ତି । ।

ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଅଧିକାଂଶ **ପରିବାର ବିଶେଷତଃ ଦିନ ମଜୁରି** ଓ ବ୍ୟବସାୟ ଭଳି କାର୍ଯ୍ୟରେ ନିୟୋଜିତ ଅଛନ୍ତି । କିନ୍ତୁ ଏହା ଆକଳନ କରାଯାଇଥିଲା **ଯେ ଏହି ପ୍ରକଳ୍ପର ବିଶେଷ ପ୍ରଭାବ** ପ୍ରଭାବିତ ପରିବାରମାନଙ୍କର ରୋଜଗାର ଓ ଅର୍ଥନୀତି ଉପରେ ପଡ଼ିବ ନାହିଁ । ମାତ୍ର ଏହା କୁହାଯାଇପାରେ ଯେ ଏହି ଅଂଚଳର ଲୋକ ଯେଉଁମାନେ ଦିନ ମଜୁରିଆ ରୁପେ କାର୍ଯ୍ୟ କରୁଛନ୍ତି ସେମାନଙ୍କର ଯୋଗ୍ୟତା ଓ କୁଶଳତା ଭିତିରେ ପ୍ରକଳ୍ପର ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବାର ସୁଯୋଗ ଥିଲେ ସେମାନଙ୍କୁ ଅଗ୍ରାଧିକାର ଦିଆଯିବା ଆବଶ୍ୟକ ଯାହାଫଳରେ ସେମାନେ ପ୍ରକଳ୍ପରୁ ଉପକୃତ ହୋଇପାରିବେ ।

କ୍ଷେତ୍ର ପରିଦର୍ଶନ ସମୟରେ ଦେଖାଯାଇଥିଲା ଯେ ପ୍ରକଳ୍ପ କାର୍ଯ୍ୟ ଦ୍ୱାରା କୌଣସି ସାଧାରଣ ସମ୍ପତ୍ତି କ୍ଷତିଗ୍ରସ୍ତ ହେବନାହିଁ ।

ଏହି ପ୍ରକଳ୍ପ ଦ୍ୱାରା କୌଣସି ପରିବାର ବିସ୍ଥାପିତ ହେଉ ନ ଥିବାରୁ ପ୍ରଭାବିତ ପରିବାରମାନଙ୍କର ସାମାଜିକ ଏବଂ ଅର୍ଥନୈତିକ ଅବସ୍ଥିତି, ଜନସଂଖ୍ୟା ଓ ସ୍ଥାନୀୟ ପରମ୍ପରାରେ କୌଣସି ପରିବର୍ତ୍ତନ ହେବାର ଆଶଂକା ନାହିଁ ।

**ପ୍ରକଳ୍ପ ପ୍ରତି ଗୋଷ୍ଠିର ଭାବନା**

ଏହି ରେଳ ଓଭର ବ୍ରିଜ୍ ପ୍ରକଳ୍ପ ବିଷୟରେ ସମସ୍ତ ପରିବାର ଅବଗତ ଅଛନ୍ତି ଏବଂ ସେମାନଙ୍କର ଜମି ଅଧିଗ୍ରହଣ ହେବାର ସମ୍ଭାବନା ଅଛି ବୋଲି ସେମାନେ ଜାଣିଛନ୍ତି ।

*ପ୍ରକଳ୍ପର ଲାଭ ବିଷୟରେ ପ୍ରଭାବିତ ପରିବାରମାନଙ୍କର ଧାରଣା*

ପ୍ରଭାବିତ ସମସ୍ତ ପରିବାର ଅନୁଭବ କରୁଥିଲେ ଯେ ପ୍ରକଳ୍ପଟି ସେମାନଙ୍କ ପାଇଁ ସାମାଜିକ ଓ ଅର୍ଥନୈତିକ ଦୃଷ୍ଟିକୋଣରୁ ଲାଭଦାୟକ ହେବ । ୭୩.୯% (୧୭ ପରିବାର) ମତପୋଷଣ କରିଥିଲେ ଯେ ଏହି ପ୍ରକଳ୍ପ ମହାନଦୀ ରିଂଗ ରୋଡ୍‌ର ଟ୍ରାଫିକ୍ ସମସ୍ୟାର ସମାଧାନ କରିବାରେ ସହାୟତା କରିବ । ଏହା ବ୍ୟତୀତ ୫୨.୨% (୧୨ ପରିବାର) ପରିବାରମାନଙ୍କ ମତରେ ଏହି ପ୍ରକଳ୍ପ, ଏନ୍.ଏଚ-୬ ରୁ ସମ୍ବଲପୁରକୁ ଯାତାୟାତରେ ଲେବଲ୍ କ୍ରସିଂ ସମସ୍ୟାକୁ ଦୂରକରି ନିରାପଦ ଓ ସୁବିଧାଜନକ ଯୋଗାଯୋଗର ମାଧ୍ୟମ ସୃଷ୍ଟି କରିବ । ଏହା ବ୍ୟତିତ ୩୪.୮% (୮ ପରିବାର) ମତଦାତା ଅନୁଭବ କରିଥିଲେ ଯେ ଏହି ପ୍ରକଳ୍ପ ସମାପ୍ତି ଯାତାୟାତର ସମୟକୁ ମଧ୍ୟ କମ୍ କରିବ ।

ଅର୍ଥନୈତିକ ଲାଭ ବିଷୟରେ ୪୭.୮% (୧୧ ପରିବାର) ମତଦାତା ସ୍ଥାନୀୟ ଅଂଚଳରେ ଜମିର **ମୂଲ୍ୟ ବୃଦ୍ଧି ଘଟିବ** ପ୍ରସ୍ତାବ ସହ ସହମତି ହୋଇଥିଲେ ଏବଂ ୩୦.୪% (୭ ପରିବାର ଯେଉଁମାନେ ଦିନ ମଜୁରୀ **କାର୍ଯ୍ୟରେ ନିୟୋଜିତ)**



Scanned by CamScanner

ମତଦାତା ପ୍ରକଳ୍ପ କାର୍ଯ୍ୟରେ ନିୟୋଜିତ ହେବାପାଇଁ ଆଶାବାଦୀ । ଏହା ବ୍ୟତିତ ୫୬.୫%(୧୩ ପରିବାର) ପ୍ରକଳ୍ପ ପ୍ରଭାବିତ ପରିବାରମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ମିଳିବ ବୋଲି ସହମତି ପ୍ରକାଶ କରିଥିଲେ । ଏଥିରୁ ଜଣାଯାଏ ଯେ ପ୍ରକଳ୍ପର ସମ୍ଭାବ୍ୟ ସକରାତ୍ମକ ଫଳାଫଳ ପାଇଁ ପ୍ରଭାବିତ ଅଧିକାଂଶ ଲୋକ ଆଶାବାଦୀ ଅଛନ୍ତି ।

*** କ୍ଷତିପୂରଣ ପାଇଁ ପ୍ରଭାବିତ ପରିବାରମାନଙ୍କର ଆଶାଆକାଂକ୍ଷା***

ପ୍ରକଳ୍ପ ଯୋଗୁଁ ହରାଉଥିବା ଜମି ବଦଳରେ ସମସ୍ତ ପ୍ରକଳ୍ପ ପ୍ରଭାବିତ ପରିବାରମାନେ (୧୦୦%) କ୍ଷତିପୂରଣ ବାବଦକୁ ଉପଯୁକ୍ତ ଅର୍ଥ ସହାୟତା ପାଇଁ ଆଶା କରନ୍ତି ।

**ସୁପାରିଶ**

ମିଳିଥିବା ତଥ୍ୟ ଅନୁଯାୟୀ ପ୍ରକଳ୍ପର ସଫଳ ରୂପାୟନ ପାଇଁ ନିମ୍ନୋକ୍ତ ପଦକ୍ଷେପ ନିଆଯାଇପାରିବ:

- କେତେକ ପରିବାର ପ୍ରକଳ୍ପରେ ହରାଉଥିବା ଜମି ଓ ଏହା ବଦଳରେ କ୍ଷତିପୂରଣ ବିଷୟରେ ଅଜ୍ଞ ଅଛନ୍ତି । ତେଣୁ ପ୍ରକଳ୍ପ ଅଧିକାରୀ ସେମାନଙ୍କୁ ସେମାନଙ୍କର କ୍ଷୟକ୍ଷତି ଏବଂ ନୂତନ ଆଇନରେ ଉଲ୍ଲେଖିତ ସୁବିଧାସୁଯୋଗ ଓ ଅଧିକାର ବିଷୟରେ ଅବଗତ କରାଇବା ପାଇଁ ପଦକ୍ଷେପ ନେବା ଉଚିତ ।
- ସୂଚନା ଅନୁଯାୟୀ, ଅଧିକାଂଶ ପ୍ରଭାବିତ ଲୋକ ଅନୁସୂଚିତ ଜନଜାତି ବର୍ଗର ଅଟନ୍ତି ଏବଂ ବିଭିନ୍ନ କ୍ଷେତ୍ରରେ ଦୈନିକ ମଜୁରୀ କାର୍ଯ୍ୟରେ ନିୟୋଜିତ ହୁଅନ୍ତି । ତେଣୁ, ସେମାନଙ୍କର ଦକ୍ଷତା ଉପରେ ନିର୍ଭର କରି, ପ୍ରକଳ୍ପ କର୍ତ୍ତୃପକ୍ଷ ସେମାନଙ୍କୁ ପ୍ରକଳ୍ପ କାର୍ଯ୍ୟକଳାପରେ ନିୟୋଜିତ କରିବାକୁ ଚେଷ୍ଟା କରିପାରନ୍ତି, ଯାହାଫଳରେ ସେମାନେ ପ୍ରକଳ୍ପ କାର୍ଯ୍ୟରେ ସ୍ୱଳ୍ପ ମିଆଦି ନିଯୁକ୍ତି ପାଇବେ ।
- କେତେକ କ୍ଷେତ୍ରରେ, ଅଧିଗ୍ରହଣ ପରେ ଅବଶିଷ୍ଟ ଏକ ଛୋଟ ଜମି ଚାଷ କିମ୍ବା ଅନ୍ୟ କୌଣସି ବ୍ୟବହାର ପାଇଁ ଉପଯୋଗୀ ହୋଇନପାରେ, ଯାହାକୁ ଉପଯୁକ୍ତ କ୍ଷତିପୂରଣ ବ୍ୟବସ୍ଥା ସହିତ କର୍ତ୍ତୃପକ୍ଷ ବିଚାର କରିବା ଉଚିତ୍ ।
- କ୍ଷତିଗ୍ରସ୍ତ ଜମିମାଲିକମାନଙ୍କୁ କ୍ଷତିପୁରଣ ଅର୍ଥ ପୈଠ କରିବାପାଇଁ ଏକ ସହଜ ଓ ସରଳ ପ୍ରଣାଳୀ ଗ୍ରହଣ କରିବା ଦରକାର, ଯାହାକି ସେମାନଙ୍କୁ କ୍ଷତିପୁରଣ ପାଇବାରେ ସହାୟକ ହେବ । ତେଣୁ ପ୍ରଭାବିତ ହେଉଥିବା ଜମି ପାଇଁ ସେମାନଙ୍କୁ ଉପଯୁକ୍ତ କ୍ଷତି ପୁରଣ ଦେବାର ଆବଶ୍ୟକତା ରହିଛି ।
- ଦଳଗତ ଆଲୋଚନା ସମୟରେ, ଦୁର୍ଗାପାଲିରେ ଥିବା ଏକ ଛୋଟ ହନୁମାନ ମନ୍ଦିର ପ୍ରସ୍ତାବିତ ଜମି ଅଧିଗ୍ରହଣ ଦ୍ୱାରା ପ୍ରଭାବିତ ହେବ ବୋଲି ଜଣାପଡୁଛି । ତେଣୁ, ପ୍ରକଳ୍ପ କର୍ତ୍ତୃପକ୍ଷ ସ୍ଥାନୀୟ ସମ୍ପ୍ରଦାୟ ସହିତ ଉଚିତ ଆଲୋଚନା କରି ହନୁମାନ ମନ୍ଦିରର କ୍ଷତି ବିଷୟରେ ବିଚାର କରିବା ଉଚିତ୍ ।

ଯାହା ହେଉ, ଏହି ପ୍ରକଳ୍ପଟି ବିଶେଷକରି ସମ୍ବଲପୁର ଓ ଅନ୍ୟ ଅଂଚଳରେ ଲୋକମାନଙ୍କର ନିରାପଦ ଯାତାୟାତ ଓ ପରିବହନ କ୍ଷେତ୍ରରେ ଉନ୍ନତି ଆଣିବ ବୋଲି ଆଶା କରାଯାଉଛି ।



Scanned by CamScanner